ISSN: 2456-9194, Vol-IX, Issue-III, December 2025

ପ୍ରତ୍ୟୟ
(Journal of Odia Language, Culture and Science)
Peer-Reviewed Journal - Homepage: http://cphfs.in/research.php



# ନାରାୟଣ ସାହୁଙ୍କ ନାଟକର ରୂପବୈଚିତ୍ର୍ୟ

**ଡ. ପିଙ୍କି କର**
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Email: dasprinters@gmail.com

ସାରାଂଶ: ୧୯୮୦ ପରବର୍ତ୍ତୀ ଓଡ଼ିଆ ନାଟ୍ୟ ସାହିତ୍ୟରେ ପ୍ରଫେସର ନାରାୟଣ ସାହୁଙ୍କ ନାଟକଗୁଡ଼ିକ କେବଳ ସୃଜନଶୀଳତାର ପରିଚୟ ନୁହେଁ, ବରଂ ସମାଜର କରୁଣ ବାସ୍ତବତା ଓ ବିଦ୍ରୋହର ସ୍ୱର । ବ୍ୟକ୍ତିଗତ ଜୀବନର ସଂଘର୍ଷ ଓ ଅନୁଭୂତିରୁ ସୃଷ୍ଟ ତାଙ୍କ ଲେଖନୀରେ ସମାଜର ନିଷ୍ପେସିତ, ଅବହେଳିତ ଓ ଶୋଷିତ ବର୍ଗଙ୍କ ସମସ୍ୟା ପ୍ରମୁଖ ସ୍ଥାନ ପାଇଛି । ଦୁର୍ନୀତି, ରାଜନୈତିକ ଅରାଜକତା, ମୂଲ୍ୟବୋଧର ଅବକ୍ଷୟ ଏବଂ ଧର୍ମ ନାମରେ ଚାଲିଥିବା ଶୋଷଣ ବିରୋଧରେ ସେ ଅନେକ ନାଟକ ରଚନା କରିଛନ୍ତି । 'ଆଶ୍ରା ଖୋଜି ବୁଲୁଥିବା ଈଶ୍ୱର', 'କାହାଣୀ ସବାଶେଷ ଲୋକର', 'ମୂକ', 'କ୍ରାନ୍ତି' ଓ 'ଅନାଗତ' ପରି ସଫଳ ନାଟକ ମାଧ୍ୟମରେ ସେ ଶୋଷକ ଶ୍ରେଣୀର ମୁଖା ଖୋଲିଦେଇ ଜନସାଧାରଣଙ୍କୁ ସଚେତନ କରିଛନ୍ତି । ତାଙ୍କ ନାଟ୍ୟଶୈଳୀର ରୂପବୈଚିତ୍ର୍ୟ, ଚରିତ୍ର ଚିତ୍ରଣ ଓ ସଂଳାପ ଯୁଗୋପଯୋଗୀ । ସ୍ରଷ୍ଟା ଭାବେ ଡ. ସାହୁ ସାମାଜିକ ଅନ୍ୟାୟ ବିରୋଧରେ ପ୍ରତିବାଦର ବହ୍ନି ଜଳାଇ, ଆଗାମୀ ପିଢ଼ିକୁ ନାଟ୍ୟସୃଷ୍ଟି ପାଇଁ ପ୍ରେରିତ କରିଛନ୍ତି ।

ମୁଖ୍ୟଶବ୍ଦ: ନାରାୟଣ ସାହୁ, ଓଡ଼ିଆ ନାଟକ, ସାମାଜିକ ସମସ୍ୟା, ସମାଲୋଚନା, ବିଦ୍ରୋହ, ଦୁର୍ନୀତି, ସଂଘର୍ଷ, ନାଟ୍ୟଶୈଳୀ, ରୂପବୈଚିତ୍ର୍ୟ ।

## ଉପକ୍ରମ

୧୯୮୦ ପରବର୍ତ୍ତୀ ଓଡ଼ିଆ ନାଟ୍ୟ ସାହିତ୍ୟ କ୍ଷେତ୍ରରେ ଏକ ଚର୍ଚ୍ଚିତ ନାମ ପ୍ରଫେସର ନାରାୟଣ ସାହୁ । ନୂତନ ନାଟ୍ୟଶୈଳୀକୁ ଆଧାର କରି ରଚିତ ତାଙ୍କର ସମସ୍ତ ସୃଷ୍ଟି ଓଡ଼ିଆ ନାଟ୍ୟ ସାହିତ୍ୟକୁ କରିଛି ଋଦ୍ଧିମନ୍ତ । ନିଜ ଜୀବନ କ୍ଷେତ୍ରରେ ସାଉଁଟିଥିବା ବିଶେଷ ଅନୁଭବ ଓ ଅନୁଭୂତିକୁ ପାଥେୟ କରି ତାଙ୍କ ଲେଖନୀରୁ ସୃଷ୍ଟି ଲାଭ କରିଛି କେତେକ ସଫଳ ନାଟକ, ଯାହା ଚର୍ଚ୍ଚାର ବିଷୟ । ବିଶେଷକରି ସାମାଜିକ ଦୂରାବସ୍ଥା ଓ ସମାଜରେ ନିଃସହାୟ, ଅସହାୟ, ନିଷ୍ପେସିତ, ଅବହେଳିତ, ଶୋଷିତ ବ୍ୟକ୍ତି ବିଶେଷଙ୍କ ପ୍ରତି ହେଉଥିବା ଅନ୍ୟାୟ, ଭ୍ରଷ୍ଟାଚାର, ବ୍ୟଭିଚାର, ଦୁର୍ନୀତି ପ୍ରଭୃତି ତାଙ୍କ ନାଟ୍ୟ ଲେଖନୀକୁ କରିଛି ସମୃଦ୍ଧ ଓ ଜୀବନ୍ତ । ନାଟ୍ୟକାର ଡ. ସାହୁ ଅଧିକାଂଶ ନାଟକରେ ସମାଜର ବିଭିନ୍ନ ଦିଗକୁ ରୂପ ଦେବା ସହିତ ସମସ୍ୟା ପ୍ରତି ସ୍ୱର ଉତ୍ତୋଳନ କରିବା ନିମନ୍ତେ ଆହ୍ୱାନ ଦେଇଛନ୍ତି । ବିଷୟ ନିର୍ବାଚନ, ଚରିତ୍ର ଚିତ୍ରଣ, ସଂଳାପ ସଂଯୋଜନା ଓ ମଞ୍ଚଶୈଳୀ ପ୍ରତ୍ୟେକଟି କ୍ଷେତ୍ରରେ ଡ. ନାରାୟଣ ସାହୁଙ୍କ ନାଟକ ସଫଳତା ଅର୍ଜନ କରିଛି ଏବଂ ପରବର୍ତ୍ତୀ ପିଢ଼ିକୁ ନାଟ୍ୟ ସୃଷ୍ଟି ପ୍ରତି ପ୍ରେରିତ କରିଛି । ସ୍ରଷ୍ଟାର ସୃଷ୍ଟିରେ ଥାଏ ନାନା ଅନୁଭୂତି ଓ ଅନୁଭବର କଥା । ସୃଷ୍ଟିଟିକୁ ସଫଳ ରୂପ ଦେବା ପାଇଁ ସ୍ରଷ୍ଟା ମନ ଭିତରେ ଯୋଗାଇଥାଏ ଇନ୍ଧନ, ଯାହାକୁ ନେଇ ସୃଷ୍ଟି ହୁଏ କାଳଜୟୀ ରଚନା । ଏହି ପରିପ୍ରେକ୍ଷୀରେ ନାଟ୍ୟକାର ନାରାୟଣ ସାହୁଙ୍କ ନାଟ୍ୟକୃତି ସମୂହ ଆଲୋଚନା ଯୋଗ୍ୟ । ବାଲ୍ୟାବସ୍ଥାରୁ ସଂଘର୍ଷମୟ ଜୀବନ ସହିତ ପରିଚିତ ଓ ପରିବର୍ଦ୍ଧିତ ହୋଇ ସେ ପ୍ରସ୍ତୁତ କରିଛନ୍ତି ତାଙ୍କ ନାଟ୍ୟ ବଳୟ । ସମାଜରେ ଘଟୁଥିବା ଅନେକ ଘଟଣା ନାଟ୍ୟକାରଙ୍କୁ ବ୍ୟଥିତ କରିବା ସହିତ ତାଙ୍କ ମନରେ ବିଦ୍ରୋହର ବହ୍ନିକୁ ପ୍ରଜ୍ୱଳିତ କରିଛି ।

ଏକଦା ନାଟ୍ୟକାର ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ଚାକିରି ଅନ୍ୱେଷଣରେ ବାହାରି ପଡ଼ିଥିଲେ । ଏକ ମହାବିଦ୍ୟାଳୟରେ ଅଧ୍ୟାପକ ଚାକିରି ନିମନ୍ତେ ସାକ୍ଷାତକାର ଦେବା ସମୟରେ

ତାଙ୍କର ଭେଟ ହୁଏ ତତ୍କାଳୀନ ଶିକ୍ଷାମନ୍ତ୍ରୀଙ୍କ ସହ । ମନ୍ତ୍ରୀ ଜଣକ ନିଜ ଉପରେ ସନ୍ଦର୍ଭ ପ୍ରସ୍ତୁତ କରିବା ପାଇଁ ତାଙ୍କୁ କହିଥିଲେ, କିନ୍ତୁ ଡ. ନାରାୟଣ ସାହୁ ସେଥିରେ ଥିବା ସ୍ୱାର୍ଥପର ଉଦ୍ଦେଶ୍ୟକୁ ଜାଣିପାରି ରାଜି ନହୋଇ ଫେରି ଆସିଥିଲେ । ତତ୍ପରେ ଏକ ବିଶ୍ୱବିଦ୍ୟାଳୟରେ ସାକ୍ଷାତକାର ନିମନ୍ତେ ଯାଇଥିବା ବେଳେ ସେଠାକାର କୁଳପତିଙ୍କ ସହ ତାଙ୍କର ଦେଖାହୁଏ । କୁଳପତିଙ୍କ ଅଯୌକ୍ତିକ ସର୍ତ୍ତରେ ନାଟ୍ୟକାର ରାଜି ନ ହେବାରୁ, କୁଳପତିଙ୍କ ଆକ୍ରୋଶର ଶିକାର ହୋଇ ଚାକିରି ନ ପାଇ ନିରାଶ ହୋଇ ଫେରି ଆସନ୍ତି । ଶିକ୍ଷିତ, ଜ୍ଞାନୀ ଓ ଗୁଣୀ ମହଲରେ ଏପରି ଦୁର୍ନୀତିର ବ୍ୟାପାରକୁ ଉପଲବ୍ଧି କରି ସେ କ୍ରୋଧାନ୍ୱିତ ହୁଅନ୍ତି ଏବଂ ସମାଜର ଦୁର୍ନୀତିଖୋର ଲୋକଙ୍କ ପ୍ରକୃତ ସ୍ୱରୂପକୁ ଲୋକଲୋଚନକୁ ଆଣିବା ପାଇଁ ସଂକଳ୍ପବଦ୍ଧ ହୁଅନ୍ତି।

ପୂର୍ବରୁ ସର୍ବୋଦୟ ଆଶ୍ରମରେ ଥିବା ସମୟରେ ମଧ୍ୟ ଅଭାବୀ ଲୋକଙ୍କ ପ୍ରତି ହେଉଥିବା ଅବିଚାର, ଅର୍ଥର ଆତ୍ମସାତ୍ ଏବଂ ବଡ଼ବଡ଼ ଅଧିକାରୀମାନେ ମଧ୍ୟ ଏଥିରେ ସାମିଲ ରହିବା ଘଟଣା ନାଟ୍ୟକାରଙ୍କ ହୃଦୟକୁ ଗଭୀର ଆଘାତ ଦେଇଥିଲା । ଏକଦା ଜଣେ ଆଇ.ଏ.ଏସ୍. ଅଫିସରଙ୍କ ଗାଡ଼ି ଧକ୍କାରେ ଜଣେ ସାଧାରଣ ମଣିଷଙ୍କ ମୃତ୍ୟୁ ଏବଂ ପରେ ଲାଞ୍ଚ ଦେଇ ସେହି ମାମଲାକୁ ଦଫାରଫା କରିଦେବା ଘଟଣା ନାଟ୍ୟକାରଙ୍କ ମନରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିବା ସହିତ ବିଦ୍ରୋହୀ ମନୋଭାବକୁ ଜାଗ୍ରତ କରିଥିଲା । ସମାଜର ଦୁରାବସ୍ଥା, ଦୁର୍ନୀତି, ଅପସଂସ୍କୃତି, ରାଜନୈତିକ ଅରାଜକତା ତଥା ମୂଲ୍ୟବୋଧର ଅବକ୍ଷୟକୁ ଦେଖି ନାଟ୍ୟକାରଙ୍କ ଲେଖନୀରୁ ସୃଷ୍ଟି ହୁଏ ଅନେକ ମଞ୍ଚନାଟକ, ବେତାର ନାଟକ, ପଥପ୍ରାନ୍ତ ନାଟକ, ଦୂରଦର୍ଶନ ନାଟକ ଓ ଏକାଙ୍କିକା । ବିଶେଷଭାବରେ ତାଙ୍କ ଦ୍ୱାରା ରଚିତ ମଞ୍ଚ ନାଟକଗୁଡ଼ିକ ଡ. ସାହୁଙ୍କୁ ଜଣେ ସଫଳ ନାଟ୍ୟସ୍ରଷ୍ଟା ଭାବେ ପରିଚିତ କରାଇପାରିଛି । ତାଙ୍କ ରଚିତ ପ୍ରମୁଖ ମଞ୍ଚ ନାଟକଗୁଡ଼ିକ ହେଲା: ପ୍ରଶ୍ନ (୧୯୮୨), ଆଶ୍ରା ଖୋଜି ବୁଲୁଥିବା ଈଶ୍ୱର (୧୯୯୦), କାହାଣୀ ସବାଶେଷ ଲୋକର (୧୯୯୨), ସୁବର୍ଣ୍ଣ ସକାଳ (୧୯୯୮), ମୂକ (୨୦୦୦), ପୁନଶ୍ଚ ସଂଗ୍ରାମ (୨୦୦୦), ଉପାସନା (୨୦୦୨), ଅପରାହ୍ନର ଅବଶୋଷ (୨୦୦୨), ଅଧାଦେଖାସ୍ୱପ୍ନ (୨୦୦୪), ପ୍ରାୟଶ୍ଚିତ୍ତ (୨୦୦୫), କ୍ରାନ୍ତି (୨୦୦୭), ନିଷିଦ୍ଧ ସଂଳାପ (୨୦୦୭), ଦୂର ଆକାଶର ତାରା (୨୦୦୮), ଶେଷକଥା (୨୦୧୦), ମୃଷା (୨୦୧୪), ଉତ୍ତରପର୍ବ ଓ ଅନ୍ୟାନ୍ୟ ନାଟକ (୨୦୧୪), ତିନୋଟି ନାଟକର ତ୍ରିବେଣୀ (୨୦୧୯) ଓ ଅନାଗତ (୨୦୧୯) ।

ନାଟ୍ୟକାରଙ୍କ ପ୍ରାୟତଃ ସମସ୍ତ ନାଟକରେ ବିଦ୍ରୋହ ଓ ବିପ୍ଳବର ସ୍ୱର ଦେଖିବାକୁ ମିଳେ । ଯୁଗଯୁଗ ଧରି ସମାଜର ଏହି କଳୁଷିତ ଅବସ୍ଥାକୁ ହୃଦବୋଧ କରି ସେ ଜନସାଧାରଣଙ୍କୁ ସଚେତନ କରାଇବା ସହିତ ଦୁର୍ନୀତିର ମୂଳୋତ୍ପାଟନ କରିବା ନିମନ୍ତେ ଆହ୍ୱାନ ଦେଇଛନ୍ତି । ଚଳନ୍ତି ସମାଜର ରାଜନେତାମାନଙ୍କର ସ୍ୱାର୍ଥାନ୍ଧ ରାଜନୀତି ହେଉ, ଅଥବା ଧର୍ମ ନାମରେ ଧର୍ମଦ୍ରୋହୀ ବ୍ୟକ୍ତିମାନଙ୍କର ଭ୍ରଷ୍ଟନୀତି, କିମ୍ବା ଦରିଦ୍ର, ନିଃସହାୟ ଓ ଅସହାୟ ବ୍ୟକ୍ତିମାନଙ୍କ ଉପରେ ହେଉଥିବା ଶୋଷଣ ପ୍ରତ୍ୟେକ କ୍ଷେତ୍ରର ଅରାଜକତା ବିରୁଦ୍ଧରେ ତାଙ୍କ ନାଟକର ପୃଷ୍ଠା ଜୀବନ୍ତ ହୋଇ ଉଠିଛି । ନାଟକ ମାଧ୍ୟମରେ ସେ ସର୍ବଦା ସମାଜରେ ଘଟୁଥିବା ଅମାନବୀୟ କାର୍ଯ୍ୟକଳାପ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଡ. ନାରାୟଣ ସାହୁଙ୍କ ପ୍ରମୁଖ ନାଟକଗୁଡ଼ିକ ଅନୁଶୀଳନ କଲେ ସ୍ରଷ୍ଟାଙ୍କ ଏପରି ଆଭିମୁଖ୍ୟ ସ୍ପଷ୍ଟ ଭାବେ ଉପଲବ୍ଧି କରିହୁଏ । ସମାଜରେ ଧର୍ମକୁ ନେଇ ବ୍ୟଭିଚାର, ଭୋପାଳ ଗ୍ୟାସ ଦୁର୍ଘଟଣା ଓ ବାବ୍ରୀ ମସ୍ଜିଦ୍ ଭାଙ୍ଗିବା ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଚଉଦଟି ଦୃଶ୍ୟ ମାଧ୍ୟମରେ ରଚିତ ହୋଇଛି ତାଙ୍କ ନାଟକ 'ଆଶ୍ରା ଖୋଜି ବୁଲୁଥିବା ଈଶ୍ୱର' । ନାଟ୍ୟକାର ସାହୁ ଏହି ନାଟକରେ ଭଗବାନଙ୍କ ପ୍ରତୀକ ଈଶ୍ୱରଙ୍କ ସହିତ ଜଣେ ଓସ୍ତାଦ୍ (ଯାଦୁକର)ର ଖପୁରୀ ଓ କାଉଁରୀ ହାଡ଼ ଧରି ଦର୍ଶକମାନଙ୍କ ସମ୍ମୁଖରେ ଖେଳ ଦେଖାଇବା ମାଧ୍ୟମରେ ଧର୍ମ-ଧର୍ମ ଓ ଜାତି-ଜାତି ମଧ୍ୟରେ ମନ୍ଦିର, ମସ୍ଜିଦ୍ ଓ ଗୀର୍ଜାମାନଙ୍କରେ ସୃଷ୍ଟି ହେଉଥିବା କଳହ ଓ ଅରାଜକତା ସମ୍ବନ୍ଧରେ ସୂଚନା ପ୍ରଦାନ କରିଛନ୍ତି ।

କାହାଣୀଟି ଭୋପାଳ ଗ୍ୟାସ ଦୁର୍ଘଟଣାରୁ ଆରମ୍ଭ ହୁଏ । ସେଥିରେ ମେରୀ ଓ ଯୋଶେଫ୍ ନିଜର ସନ୍ତାନକୁ ହରାଇ, ମେରୀ ସବୁଦିନ ପାଇଁ ମାତୃତ୍ୱରୁ ବଞ୍ଚିତ ହୁଏ । ପୁନଃ ମାତୃତ୍ୱ ଲାଭ ଆଶାରେ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ନିମନ୍ତେ ସେମାନେ ଏକ ଦେବାଳୟ ନିକଟରେ ପହଞ୍ଚନ୍ତି । ସେମାନେ ଖ୍ରୀଷ୍ଟିଆନ୍ ହୋଇଥିବାରୁ ଦେବାଳୟ ଭିତରକୁ ପ୍ରବେଶ ପାଇଁ ବାରଣ କରାଯାଏ, କିନ୍ତୁ ସେଠାରେ ଉପସ୍ଥିତ ଥିବା ଧୂର୍ତ୍ତ, ଲମ୍ପଟ ମହାସେବକର ଲୋଲୁପ ଦୃଷ୍ଟି ମେରୀ ଉପରେ ପଡ଼େ । ଗୋପନରେ ମେରୀକୁ ଈଶ୍ୱରଙ୍କ ଦର୍ଶନ କରାଇଦେବ ବୋଲି କହି ମନ୍ଦିରର ପଛ ଦରଜା ବାଟେ ଡାକି ଆଣି ସେ ତାକୁ ଧର୍ଷଣ କରେ ଏବଂ ହତ୍ୟା କରି ସମୁଦ୍ର ବାଲିରେ ଫିଙ୍ଗି ଦିଏ । ଏହା ସହିତ ଈଶ୍ୱରଙ୍କ ବଂଶୀ ଓ ଉତ୍ତରୀୟକୁ ମେରୀର ଶବ ପାଖରେ ପକାଇ ଦେଇ ତା'ର ମୃତ୍ୟୁ ପାଇଁ ଈଶ୍ୱରଙ୍କୁ ଦାୟୀ କରେ । କେବଳ ଏତିକି ନୁହେଁ, ମନ୍ଦିରର ସେବାରେ ନିୟୋଜିତ ଦେବଦାସୀ ପ୍ରତି ମଧ୍ୟ ମହାସେବକ ଲୋଲୁପ ଦୃଷ୍ଟି ପକାଇ ନିଜର ଯୌନଲାଳସା ଚରିତାର୍ଥ କରିବାକୁ ପଛାଏ ନାହିଁ । ମହାସେବକର ଏପରି ଆଚରଣ ଈଶ୍ୱରଙ୍କୁ ବିବ୍ରତ ଓ ଅସହାୟ କରିଦିଏ । ଅନ୍ୟପକ୍ଷେ ମହାସେବକ ଈଶ୍ୱରଙ୍କର କୌଣସି ଅସ୍ତିତ୍ୱ ନାହିଁ ବୋଲି କହି ତାଙ୍କୁ ମନ୍ଦିର ଭିତରୁ ବାହାରିଯିବା ପାଇଁ ନିର୍ଦ୍ଦେଶ ଦିଏ । ସାମ୍ପ୍ରତିକ ପରିସ୍ଥିତିରେ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ପର୍କରେ ନାଟ୍ୟକାର ସୂଚନା ପ୍ରଦାନ କରି କହିଛନ୍ତି ଯେ, ଈଶ୍ୱର ସମସ୍ତଙ୍କର । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀମାନେ ଈଶ୍ୱରଙ୍କୁ ବାନ୍ଧି ରଖିବାର ପ୍ରୟାସକୁ ଈଶ୍ୱର ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ତାଙ୍କର ପ୍ରକୃତ ସ୍ଥାନ ମନ୍ଦିର, ମସ୍ଜିଦ୍ କି ଗୀର୍ଜା ନୁହେଁ, ବରଂ ପ୍ରତ୍ୟେକ ମଣିଷର ହୃଦୟରେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ପ୍ରକାରାନ୍ତରେ ନାଟ୍ୟକାର ଧର୍ମ ନାମରେ ସାମ୍ପ୍ରଦାୟିକତା ସୃଷ୍ଟି କରୁଥିବା ତଥା ଭକ୍ତମାନଙ୍କୁ ଶୋଷଣ କରୁଥିବା ସମାଜର ବଡ଼ପଣ୍ଡାମାନଙ୍କ ଅସଲ ମୁଖା ଖୋଲି ଦେଇଛନ୍ତି ।

ଯୁଗେ ଯୁଗେ ସମାଜର ଦଳିତ, ଅବହେଳିତ, ଶୋଷିତ, ନିର୍ଯ୍ୟାତିତ, ଅସହାୟ ଓ ନିମ୍ନଶ୍ରେଣୀର ମଣିଷମାନେ କିପରି ଶୋଷକ, ଦୁର୍ନୀତିଗ୍ରସ୍ତ, କ୍ଷମତାଶାଳୀ ରାଜନେତା ତଥା ପୁଞ୍ଜିପତିମାନଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇଥାନ୍ତି, ତାର ଏକ ସଫଳ ଚିତ୍ର 'କାହାଣୀ ସବାଶେଷ ଲୋକର' ନାଟକରେ ଦେଖିବାକୁ ମିଳେ । ନାଟ୍ୟକାର ଡ. ସାହୁ ଏହି ନାଟକରେ ଶୋଷିତ ଲୋକମାନଙ୍କୁ 'ସବାଶେଷ ଲୋକ' ଭାବେ ନାମିତ କରିବା ସହିତ ଶୋଷକ ଶ୍ରେଣୀର ପ୍ରତିନିଧିମାନଙ୍କୁ 'ଆଗଲୋକ' ଭାବେ ସମ୍ବୋଧିତ କରିଛନ୍ତି । ସମାଜରେ ସର୍ବଦା ଶୋଷିତ ଓ ନିଃସ୍ୱ ବ୍ୟକ୍ତିମାନେ ହିଁ ଦେଶ ତଥା ଜାତି ପାଇଁ ରକ୍ତ ଝାଳ ବୁହାଇ ନିର୍ଯ୍ୟାତିତ ହୁଅନ୍ତି । ସତେ ଯେପରି ସବୁ ଯୁଗରେ ଅତ୍ୟାଚାରିତ ହେବା ପାଇଁ ଏମାନଙ୍କର ଜନ୍ମ ।

ନାଟ୍ୟକାର ରାଜତନ୍ତ୍ରରୁ ଆରମ୍ଭ କରି ଗଣତନ୍ତ୍ର ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଏହି ଶୋଷଣ ପ୍ରକ୍ରିୟା ଜାରି ରହିଛି ବୋଲି ଦର୍ଶାଇ, ପୁରାଣ ଓ

ଇତିହାସ ପୃଷ୍ଠାରୁ ଆରମ୍ଭ କରି ସାମ୍ପ୍ରତିକ ଯୁଗ ପର୍ଯ୍ୟନ୍ତ ଏହାର ପ୍ରମାଣ ଉପସ୍ଥାପନ କରିଛନ୍ତି । ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଭଳି 'ଆଗଲୋକ'ଙ୍କ ଦ୍ୱାରା ଏକଲବ୍ୟ ସଦୃଶ 'ସବାଶେଷ ଲୋକ', ରାମଚନ୍ଦ୍ରଙ୍କ ପରି 'ଆଗଲୋକ'ଙ୍କ ଦ୍ୱାରା ଶମ୍ବୂକ ସଦୃଶ 'ସବାଶେଷ ଲୋକ', ରାଜା ଲାଙ୍ଗୁଳା ନରସିଂହ ଦେବଙ୍କ ପରି 'ଆଗଲୋକ'ଙ୍କ ଦ୍ୱାରା ବିଶୁ ମହାରଣାଙ୍କ ସହିତ ବାରଶହ ବଢ଼େଇ ସଦୃଶ 'ସବାଶେଷ ଲୋକ' ଏବଂ ସାମ୍ପ୍ରତିକ ସମୟର ରାଜନେତାଙ୍କ ପ୍ରତିନିଧି ମହାପାତ୍ର ବାବୁଙ୍କ ଭଳି 'ଆଗଲୋକ'ଙ୍କ ଦ୍ୱାରା ଖଟିଖିଆ ମଜୁରିଆଙ୍କ ପ୍ରତିନିଧି ରାମ ପ୍ରଧାନଙ୍କ ପରି 'ସବାଶେଷ ଲୋକ'ମାନେ ପ୍ରତି ମୁହୂର୍ତ୍ତରେ କିପରି ଅତ୍ୟାଚାରିତ, ଶୋଷିତ, ଅବହେଳିତ ତଥା ଉପେକ୍ଷିତ ହୋଇ ଆସିଛନ୍ତି, ତାର ଉଦାହରଣ ନାଟକରେ ଦିଆଯାଇଛି ।

ନାଟ୍ୟକାର ଦର୍ଶାଉଛନ୍ତି ଯେ, ଯେଉଁମାନଙ୍କ ନାମରେ ଦେଶରେ ସ୍ୱାଧୀନତା ଆସିଛି, ସେମାନେ କଦାପି ସ୍ୱାଧୀନତାର ପ୍ରକୃତ ସ୍ୱାଦ ଚାଖିପାରିନାହାନ୍ତି । ରାଜତନ୍ତ୍ରର ପତନ ହୋଇ ଗଣତନ୍ତ୍ର ଆସିଥିଲେ ସୁଦ୍ଧା ସମାଜର 'ସବାଶେଷ ଲୋକ'ମାନେ ସର୍ବଦା ନିର୍ଯ୍ୟାତିତ ହୋଇଆସୁଛନ୍ତି । ଯେଉଁମାନଙ୍କ ହାଡ଼ଭଙ୍ଗା ପରିଶ୍ରମରେ କୋଣାର୍କ ଓ ତାଜମହଲ ଠିଆ ହୋଇଛି, ସେମାନଙ୍କ ପରିଚୟ ଦେବା ବଦଳରେ ଶାସକ ବର୍ଗର 'ଆଗଲୋକ'ମାନେ ସମସ୍ତ ଶ୍ରେୟ ନିଜେ ନେଇ ସମାଜରେ ପ୍ରଶଂସିତ ହୋଇଥାନ୍ତି । ପରିଶେଷରେ, ସମାଜର ଏହି ନିମ୍ନବର୍ଗର ଚରିତ୍ରମାନଙ୍କ ପ୍ରତି ସହୃଦୟ ଦୃଷ୍ଟିଭଙ୍ଗି ରଖି, ସେମାନଙ୍କ ଭାଗ୍ୟ ନିଶ୍ଚୟ ପରିବର୍ତ୍ତନ ହେବ ବୋଲି ନାଟ୍ୟକାର ଆଶାର ବାଣୀ ଶୁଣାଇଛନ୍ତି ।

ନାଟ୍ୟକାରଙ୍କ 'ସୁବର୍ଣ୍ଣ ସକାଳ' ନାଟକ କଟକ ନଗରୀର ସାମ୍ପ୍ରତିକ ସ୍ଥିତିକୁ ନେଇ ପରିକଳ୍ପିତ । ଅତୀତରେ ଗୌରବାନ୍ୱିତ ହୋଇଥିବା କଟକ ନଗରୀର ବର୍ତ୍ତମାନର ଦୂରାବସ୍ଥା ନାଟ୍ୟକାରଙ୍କୁ ବିଚଳିତ କରିଛି । କଟକର ହୃତ ଗୌରବକୁ ଫେରାଇ ଆଣିବା ପାଇଁ ସେ ସେତେବେଳର ରାଜା ମର୍କତ କେଶରୀ ଓ ମହାନଦୀ ବନ୍ଧ ନିର୍ମାଣ କରିଥିବା ବାଇମୁଣ୍ଡିଙ୍କ ଅଶରୀରୀ ଆତ୍ମାକୁ ମଞ୍ଚ ଉପରକୁ ଆଣି, ସେମାନଙ୍କ ମାଧ୍ୟମରେ କଟକର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି । ରାଜା ଓ ବାଇମୁଣ୍ଡି ନଗର ଭ୍ରମଣ କରି ଦୂରାବସ୍ଥାକୁ ଅବଲୋକନ କରନ୍ତି । ଯୁବପିଢ଼ିଙ୍କ ଅନୈତିକ କାର୍ଯ୍ୟ, ଦୁର୍ନୀତିଗ୍ରସ୍ତ ରାଜନେତା ତଥା ଶାସକବର୍ଗଙ୍କ ଅରାଜକତା, ପୋଲିସ କର୍ମଚାରୀଙ୍କ ଶୋଷଣ ପ୍ରବୃତ୍ତି, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦୁର୍ନୀତିକୁ ଦେଖି ବାଇମୁଣ୍ଡି ଅତ୍ୟନ୍ତ ବ୍ୟଥିତ ହୋଇପଡ଼ନ୍ତି । ସେଥିପାଇଁ ପରିଶେଷରେ ହତୋତ୍ସାହିତ ହୋଇ, ବାଇମୁଣ୍ଡି ନିର୍ମାଣ କରିଥିବା ବନ୍ଧକୁ ଭାଙ୍ଗିଦେବା ନିମନ୍ତେ ରାଜାଙ୍କୁ ଅନୁରୋଧ କରନ୍ତି । କିନ୍ତୁ ନାଟ୍ୟକାର ବାଇମୁଣ୍ଡିଙ୍କ ଏହି ନୈରାଶ୍ୟବାଦୀ ବକ୍ତବ୍ୟରେ ନାଟକକୁ ସମାପ୍ତ ନ କରି, ତାଙ୍କ ମନରେ ଆଶାର ସଞ୍ଚାର କରାଇଛନ୍ତି । ରାଜା ବାଇମୁଣ୍ଡିଙ୍କୁ ବୁଝାଇ କହନ୍ତି ଯେ, ସବୁ ଅତିରୁ ଇତି ହୋଇଥାଏ । ଅର୍ଥାତ୍, ସମାଜର ଏହି ବ୍ୟଭିଚାରଗ୍ରସ୍ତ ମଣିଷମାନଙ୍କର ପତନ ନିକଟତର ହୋଇଛି । ଯେପରି ଅମାବାସ୍ୟା ପରେ ଜହ୍ନରାତି ଆସେ, ଠିକ୍ ସେହିପରି ଏକ ସୁବର୍ଣ୍ଣ ସକାଳର ଅପେକ୍ଷା କରିବା ଆବଶ୍ୟକ ବୋଲି ନାଟ୍ୟକାର ଦର୍ଶାଇଛନ୍ତି ।

ସେହିପରି 'ପୁନଶ୍ଚ ସଂଗ୍ରାମ' ନାଟକରେ ଦେଶ ସ୍ୱାଧୀନ ହେବାର ୫୦ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ, ଜଣେ ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀ 'ନିତାଇରାମ' କିପରି କ୍ଷମତାସୀନ ରାଜନୈତିକ ନେତା 'ଗାଲମାଧବ'ଙ୍କ ଦ୍ୱାରା ଉପହାସିତ ତଥା ନିର୍ଯ୍ୟାତିତ ହୁଅନ୍ତି, ତାର ଚିତ୍ର ଦେଖିବାକୁ ମିଳେ । ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିବା ଗାନ୍ଧୀବାଦୀ ଆଦର୍ଶରେ ପରିଚଳିତ ନିତାଇରାମ, ଆଜିର ରାଜନୈତିକ ନେତାମାନଙ୍କ ଦ୍ୱାରା କିପରି ନିର୍ଯ୍ୟାତିତ ହେଉଛନ୍ତି, ତାହା ଏଥିରେ ପ୍ରଦର୍ଶିତ । ଯୁଗେ ଯୁଗେ ପ୍ରଶାସକ ବର୍ଗର ସ୍ୱାର୍ଥାନ୍ଧ ମଣିଷମାନେ ମାନବିକତାକୁ ପରିହାର କରି କ୍ଷମତା ବଳରେ ନୀତିନିୟମକୁ ନିଜ ହାତମୁଠାରେ ରଖି, ସମାଜର ଅସହାୟ ଲୋକମାନଙ୍କୁ ଦଳିତଦାନ୍ତ କରି କିପରି ନିଜର ସ୍ୱାର୍ଥ ସିଦ୍ଧି କରନ୍ତି, ତାର ସଫଳ ଚିତ୍ର ଏ ନାଟକରେ ରହିଛି । ତେଣୁ ଜନତାଙ୍କୁ ନିଜ ଅଧିକାର ସମ୍ପର୍କରେ ସଚେତନ କରାଇବା ସହିତ, ସଂଗ୍ରାମୀ ନିତାଇରାମଙ୍କ ମୁଖରେ ନାଟ୍ୟକାର ପୁନଶ୍ଚ ଗଣବିକ୍ଷୋଭର ଆବଶ୍ୟକତା ସମ୍ପର୍କରେ ସୂଚାଇ ଦେଇଛନ୍ତି ।

ନାଟ୍ୟକାରଙ୍କ 'ମୂକ' ନାଟକରେ ଆଜିର ସମାଜରେ ପ୍ରଚଳିତ ଭ୍ରଷ୍ଟ ରାଜନୀତିକୁ ତୀବ୍ର ସମାଲୋଚନା କରାଯାଇଛି । ସତ୍ୟର ପରିପ୍ରକାଶ କରିବାକୁ ଯାଇ ସାମ୍ବାଦିକା 'ଅଳକା' କିପରି ନିଜର ଜିହ୍ୱା ଛେଦନ ସହିତ ମୂଲ୍ୟବାନ ଜୀବନ ହାରିଛି ଏବଂ ମୃତ୍ୟୁ ପୂର୍ବରୁ ଏକ ମୂକ ସନ୍ତାନକୁ ଜନ୍ମ ଦେଇ ପରୋକ୍ଷରେ ସମାଜର ସାଧାରଣ ଜନତାଙ୍କୁ ଜାଗ୍ରତ ହେବା ପାଇଁ ଆହ୍ୱାନ ଦେଇଛି, ତାହା ନାଟକର ମୁଖ୍ୟ ଭାଗ । ଏଥିରେ ସାମାଜିକ ଦୁର୍ନୀତିର ଚିତ୍ରଣ କରାଯାଇଛି । ଜନଗହଳିପୂର୍ଣ୍ଣ ରାସ୍ତା ଉପରେ ସମସ୍ତଙ୍କ ସମ୍ମୁଖରେ ଘଟିଥିବା ଏକ ହତ୍ୟାକାଣ୍ଡକୁ ସମ୍ବାଦପତ୍ରରେ ପ୍ରକାଶ କରିବାକୁ ଯାଇ ଅଭିଜିତ ଓ ଅଳକା ନାମକ ସାମ୍ବାଦିକ ଦମ୍ପତ୍ତି ନିର୍ଯ୍ୟାତିତ ହୁଅନ୍ତି ଏବଂ ଶେଷରେ ଉଭୟଙ୍କୁ କାର୍ଯ୍ୟାଳୟରୁ ବିତାଡ଼ିତ କରାଯାଏ । ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତାର ସ୍ୱରର ଯେ କୌଣସି ମୂଲ୍ୟ ନାହିଁ ଏବଂ ସେମାନଙ୍କୁ କିପରି ମୂକ ଓ ଅଥର୍ବ କରିଦିଆଯାଇଛି, ତାହାର ବାସ୍ତବ ଚିତ୍ର ଏହି ନାଟକରେ ଦେଖିବାକୁ ମିଳେ ।

ସ୍ୱାଧୀନ ଭାରତର ସ୍ୱପ୍ନଭଙ୍ଗ ଓ ଚରମ ବିଫଳତାର କାହାଣୀକୁ ନେଇ ନାଟକ 'ଅଧାଦେଖା ସ୍ୱପ୍ନ' ପ୍ରସ୍ତୁତ କରାଯାଇଛି । ସମାଜରେ ରାଜନୈତିକ ବ୍ୟକ୍ତିମାନଙ୍କର କ୍ଷମତାଲୋଭ, ପୋଲିସ କର୍ମଚାରୀ ଓ ଆଇନଜୀବୀଙ୍କ ଦୁର୍ନୀତିଗ୍ରସ୍ତ ଭୂମିକା ସମ୍ପର୍କରେ ନାଟକରେ ଦର୍ଶାଯାଇଛି । ରାଜନେତା ମହେଶ୍ୱର ବାବୁଙ୍କ ପୁତ୍ର ଜିତୁ, ନିରୀହ ଦୀପିକାକୁ ରାସ୍ତା ମଝିରେ ବିବସ୍ତ୍ର କରାଇବା ଭଳି ଘଟଣା ଏବଂ ସେଠାରେ ଉପସ୍ଥିତ ଦର୍ଶକଙ୍କ ନୀରବତା ସମାଜର ଅବ୍ୟବସ୍ଥିତ ଶାସନ ନୀତିକୁ ଅଙ୍ଗୁଳି ନିର୍ଦ୍ଦେଶ କରେ । ଅନୈତିକ କାର୍ଯ୍ୟରେ ଲିପ୍ତ ରହି ମଧ୍ୟ ଜିତୁ ନିର୍ଦ୍ଦୋଷରେ ଖଲାସ ହୋଇଯାଏ, କିନ୍ତୁ ଗାନ୍ଧୀବାଦୀ ଆଦର୍ଶରେ ପରିଚାଳିତ ଦୀପିକାର ପିତା ମଣିଭଦ୍ର ଓ ଦୀପିକା ହିଁ କାଠଗଡ଼ାରେ ଦୋଷୀ ସାବ୍ୟସ୍ତ ହୁଅନ୍ତି । ନ୍ୟାୟିକ ବ୍ୟବସ୍ଥାର ତ୍ରୁଟିପୂର୍ଣ୍ଣ ଓ ଉଦ୍ଦେଶ୍ୟମୂଳକ ରୂପ ଏହି ଘଟଣାରୁ ସ୍ପଷ୍ଟ ହୁଏ । ପରିଶେଷରେ ଭ୍ରଷ୍ଟ ରାଜନେତାଙ୍କ ଅସଲ ମୁଖା ଖୋଲିଦେବା ସହିତ ସେମାନଙ୍କ ବିରୁଦ୍ଧରେ ବିପ୍ଲବର ବହ୍ନି ପ୍ରଜ୍ୱଳିତ କରିବା ପାଇଁ ନାଟ୍ୟକାର ବିପ୍ଲବୀ ଚରିତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି ।

ସାମ୍ପ୍ରତିକ ସମାଜର କ୍ଷମତାବିଳାସୀ, ମିଥ୍ୟାଭିମାନୀ ଓ ଅହଂକାରୀ ରାଜା ଭାନୁପ୍ରତାପଙ୍କ ମାନସିକତାକୁ ନେଇ 'ଅପରାହ୍ନର ଅବଶୋଷ' ନାଟକ ପରିକଳ୍ପିତ । ଏକଦା ରାଜତନ୍ତ୍ରରେ ବିଳାସମୟ ଜୀବନ ବିତାଇଥିବା ଭାନୁପ୍ରତାପ ଗଣତନ୍ତ୍ରର ଶାସନ ଭିତରେ ରହି ମଧ୍ୟ ଅତୀତକୁ ପାଶୋରି ପାରିନାହାନ୍ତି । ମାନସିକ ସ୍ତରରେ ସେ ସର୍ବଦା ରାଜତନ୍ତ୍ର ଯୁଗରେ ବିଚରଣ କରୁଛନ୍ତି । ଏହି ମିଥ୍ୟାଭିମାନ ପାଇଁ ତାଙ୍କୁ ପରିବାରଠାରୁ ଦୂରେଇ ରହିବାକୁ

ପଡ଼ିଛି । ପୁତ୍ରର ଜଣେ ନୃତ୍ୟାଙ୍ଗନାକୁ ବିବାହ କରିବା କଥା ଜାଣିବା ପରେ ସେ ଭାଙ୍ଗି ପଡ଼ନ୍ତି । ପତ୍ନୀଙ୍କ ମୃତ୍ୟୁ ପରେ ତାଙ୍କ ଦ୍ୱାରା ପଠାଯାଇଥିବା ଅର୍ଥରେ ସେ ଜୀବନ ଅତିବାହିତ କରୁଥିବା କଥା ଜାଣି ତାଙ୍କ ଆତ୍ମବିଶ୍ୱାସ ଦୋହଲି ଯାଏ ଏବଂ ଶେଷରେ ପକ୍ଷାଘାତର ଶିକାର ହୋଇ ସେ ମୃତ୍ୟୁବରଣ କରନ୍ତି । ଏହି ନାଟକ ମାଧ୍ୟମରେ ପରୋକ୍ଷରେ ସମାଜର କ୍ଷମତାବିଳାସୀ ତଥା ମିଥ୍ୟା ଆଭିଜାତ୍ୟକୁ ଜାବୁଡ଼ି ଧରିଥିବା ମଣିଷମାନଙ୍କ ପାଇଁ ଏପରି ଶୋଚନୀୟ ଅବସ୍ଥା ସୃଷ୍ଟି ହେବାର ଆଶଙ୍କା ଦର୍ଶାଯାଇଛି ।

ନାଟ୍ୟକାରଙ୍କ 'ପ୍ରାୟଶ୍ଚିତ' ନାଟକ ସାମ୍ପ୍ରତିକ ରାଜନୀତିର ଦୁଃସ୍ଥିତି ଓ ରାଜନେତାମାନଙ୍କ ଜନସାଧାରଣଙ୍କୁ ଶୋଷଣ କରିବାର ମନୋବୃତ୍ତିକୁ ଭିତ୍ତିକରି ଗଢ଼ିଉଠିଛି । କ୍ଷମତାର ଅପବ୍ୟବହାର କରି ଏସ.ପି. ସାବତ ତଥା ତାଙ୍କ ସ୍ୱଜନମାନେ ସମାଜର ସେବା କରିବା ପରିବର୍ତ୍ତେ ଯେଉଁ ଅରାଜକତା ସୃଷ୍ଟି କରନ୍ତି, ଯାହାଦ୍ୱାରା ସରଳ ଓ ନିରୀହ ଜନତା ଶିକାର ହୁଅନ୍ତି, ତାର ଏକ ହୃଦୟବିଦାରକ କାହାଣୀ ଏହି ନାଟକରେ ପ୍ରଦର୍ଶିତ । ଗଣତାନ୍ତ୍ରିକ ରାଷ୍ଟ୍ରରେ ରାସ୍ତା ଉପରେ ଜଣେ ନିଃସହାୟା ତରୁଣୀ କୃଷ୍ଣାର ସର୍ବସ୍ୱ ଅପହରଣ କରିବାର ପ୍ରଚେଷ୍ଟା, ସେଠାରେ ଉପସ୍ଥିତ ଜନସାଧାରଣଙ୍କ ନୀରବତା ଏବଂ ନିର୍ଯ୍ୟାତିତା କୃଷ୍ଣାକୁ ଉଦ୍ଧାର କରିବାକୁ ଯାଇ ଅଧ୍ୟାପକ ରଣଜିତ୍ ପଟ୍ଟନାୟକଙ୍କ ସମାଜ ଦ୍ୱାରା ଭର୍ତ୍ସିତ ହେବା, ପରିଶେଷରେ ଅସଦାଚରଣ କରିଥିବା ଏସ.ପି.ଙ୍କ ପୁତ୍ର ପପୁକୁ ଉଚିତ ଦଣ୍ଡ ଦେବାର ପ୍ରୟାସ କରି ଅଧ୍ୟାପକ ପଟ୍ଟନାୟକଙ୍କ ପରାଜୟ—ଏ ସମସ୍ତ ଘଟଣା ଦର୍ଶକଙ୍କ ହୃଦୟକୁ ବିଦାରିତ କରେ । ନାଟ୍ୟକାର ସମାଜରେ ବିଚରଣ କରୁଥିବା ଏପରି ଭ୍ରଷ୍ଟ ନେତାମାନଙ୍କ କଳୁଷିତ ରାଜନୀତିରେ ପୂର୍ଣ୍ଣଚ୍ଛେଦ ଟାଣିବା ପାଇଁ, ଜନସାଧାରଣଙ୍କୁ ସେମାନଙ୍କ କୁକର୍ମର ଉଚିତ ଶିକ୍ଷା ଦେବାକୁ ନାଟକ ମାଧ୍ୟମରେ ଆହ୍ୱାନ ଦେଇଛନ୍ତି ।

'ଦୂର ଆକାଶର ତାରା' ନାଟକରେ ରାଜନୀତି ଓ ଆଦର୍ଶ ମଧ୍ୟରେ ସଂଘଟିତ ଦ୍ୱନ୍ଦ୍ୱକୁ ପ୍ରାଧାନ୍ୟ ଦିଆଯାଇଛି । ନାଟକର ମୁଖ୍ୟ ଚରିତ୍ର ଦୁଷ୍ମନ୍ତ ବାବୁ ଜଣେ ଆଦର୍ଶବାଦୀ ହେଡ଼ମାଷ୍ଟର । ଯୋଗ୍ୟ ପିତାର ସନ୍ତାନ ଭାବେ ଭାରତ ମଧ୍ୟ ତାଙ୍କରି ଆଦର୍ଶରେ ପରିଚାଳିତ । କଲେଜ ନିର୍ବାଚନରେ ଭାରତର ବିଜୟ ଓ ମନ୍ତ୍ରୀ ଅରବିନ୍ଦଙ୍କ ପୁତ୍ର ଦୁର୍ଯ୍ୟୋଧନର ପରାଜୟ ଫଳରେ ପ୍ରତିଶୋଧର ଅଗ୍ନି ପ୍ରଜ୍ୱଳିତ ହୁଏ । ଭାରତକୁ ଚାକିରି ଦେବା ଆଳରେ ନିଜ ସ୍ୱାର୍ଥ ହାସଲ କରିବାକୁ ମନ୍ତ୍ରୀ ଅରବିନ୍ଦ ପ୍ରୟାସ କରନ୍ତି । ପିତାଙ୍କ ଆଦର୍ଶରେ ବଞ୍ଚିଥିବା ଭାରତ ଚାକିରି ନପାଇ ପରିଶେଷରେ ମନ୍ତ୍ରୀଙ୍କ ଜାଲରେ ପଡ଼େ ଏବଂ ପିତାଙ୍କ ଆଦର୍ଶକୁ ବଳି ଦେଇ ମନ୍ତ୍ରୀଙ୍କ ଅଧୀନତା ସ୍ୱୀକାର କରେ । ଶେଷରେ ନେତାଙ୍କ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ଜାଣିପାରି ସେ ଘର ଛାଡ଼ି ବି.ଏସ୍.ଏଫ୍.ରେ ଯୋଗଦାନ କରେ ଏବଂ ଦେଶ ପାଇଁ ପ୍ରାଣବଳି ଦିଏ । ସମାଜରେ କ୍ଷମତାଲିପ୍ସୁ ରାଜନେତାମାନେ ଯୁବପିଢ଼ିଙ୍କୁ କିପରି ପଥଭ୍ରଷ୍ଟ କରାଇ ନିଜ ସ୍ୱାର୍ଥସିଦ୍ଧି ପାଇଁ ବ୍ୟବହାର କରନ୍ତି, ତାହା ନାଟକରେ ଦର୍ଶାଯାଇଛି ।

ଚଳନ୍ତି ଶିକ୍ଷା ବ୍ୟବସ୍ଥାର ଦୁର୍ନୀତିକୁ ଭିତ୍ତିକରି 'ମୂଷା' ନାଟକ ରଚିତ । ବିଦ୍ୟାଳୟ, ମହାବିଦ୍ୟାଳୟ ଠାରୁ ଆରମ୍ଭ କରି ଶିକ୍ଷା ବିଭାଗର ସରକାରୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଦୁର୍ନୀତି କିପରି କାୟା ବିସ୍ତାର କରିଛି, ତା'ର ସ୍ପଷ୍ଟ ଚିତ୍ର ଏଥିରେ ରହିଛି । ଶିକ୍ଷାନୁଷ୍ଠାନରେ ନାମଲେଖା ଠାରୁ ଆରମ୍ଭ କରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପର୍ଯ୍ୟନ୍ତ କିପରି ଅବାଧ ଅର୍ଥ କାରବାର ଚାଲିଛି, ତାର ଏକ ନଗ୍ନ ରୂପ ପ୍ରକଟିତ । ନାଟ୍ୟକାର ସ୍ୱର୍ଗପୁରୀର ଗଣେଶ ଓ ନାରଦଙ୍କୁ ଧରାପୃଷ୍ଠରେ ଅବତରଣ କରାଇ ସେମାନଙ୍କ ମାଧ୍ୟମରେ ଏହି ଦୁର୍ନୀତିର ଚିତ୍ର ଦେଖାଇଛନ୍ତି । ଦୁର୍ନୀତି ରୂପକ ମୂଷାକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଯନ୍ତା ବସାଇବାର ଯୋଜନା ହୁଏ, କାରଣ ଦୁର୍ନୀତି ବିରୋଧୀ ଫାଇଲଗୁଡ଼ିକୁ ମୂଷା ଖାଇ ନଷ୍ଟ କରୁଥିବାର ଅଭିଯୋଗ ହୁଏ । ଶେଷରେ ମଣିଷ ହିଁ 'ମୂଷା' ରୂପକ ଦୁର୍ନୀତିର ମୂଳକାରଣ ବୋଲି ଦର୍ଶାଇ, ଏହାର ନିରାକରଣ ପାଇଁ ପ୍ରତ୍ୟେକ ସ୍ତରରେ ସଫଳ ପ୍ରଚେଷ୍ଟା ଆବଶ୍ୟକ ବୋଲି ନାଟ୍ୟକାର ସୂଚାଇଛନ୍ତି ।

ରାଜ୍ୟର ଏକ ଗୁରୁତର ସମସ୍ୟା ରୂପେ ଉଭା ହୋଇଥିବା ନକ୍ସଲ ଆନ୍ଦୋଳନ ଉପରେ ଆଧାରିତ ନାଟକ ହେଲା 'କ୍ରାନ୍ତି' । ସରକାରୀ ସ୍ତରରେ ଏହି ଆନ୍ଦୋଳନର ପ୍ରକୃତ କାରଣ ନଖୋଜି, ଅଯଥାରେ ନିରୀହ ଆଦିବାସୀଙ୍କ ଉପରେ ସରକାରୀ କର୍ମଚାରୀଙ୍କ ଦ୍ୱାରା ହେଉଥିବା ଅତ୍ୟାଚାର କିପରି ଆଦିବାସୀଙ୍କ ଜୀବନଧାରାକୁ ବଦଳାଇ ଦେଇଛି, ତାହା ଏଥିରେ ପ୍ରଦର୍ଶିତ । ନାଟକରେ ସାମାଜିକ ଦୁର୍ନୀତି, ଶୋଷଣ, ପ୍ରଶାସନିକ ବିଚାରଧାରା ଓ ରାଜନୈତିକ ବିଫଳତା ପ୍ରତି ଶାଣିତ ବ୍ୟଙ୍ଗ କରାଯାଇଛି । ଆଦିବାସୀଙ୍କ ଶୋଷଣ ବିରୁଦ୍ଧରେ ସର୍ବଦା ସାମ୍ନାରେ ରହି ସଂଗ୍ରାମ କରୁଥିବା 'ଜେ.ପି.' ଓରଫ୍ 'ଜଗତ ପ୍ରକାଶ'ଙ୍କୁ ନକ୍ସଲ ବୋଲି ପୋଲିସ୍ ଗିରଫ କରେ ଏବଂ ତାଙ୍କୁ ଫାଶୀ ଦେବା ପାଇଁ ସରକାରୀ ସ୍ତରରେ ସ୍ଥିର କରାଯାଏ । ଜେ.ପି. ଜଣେ ବିପ୍ଳବୀ, ଯିଏକି ଆଦିବାସୀମାନଙ୍କୁ ଶୋଷଣ କରୁଥିବା ପୁଞ୍ଜିପତି, ଠିକାଦାର ଓ ରାଜନୈତିକ ନେତାମାନଙ୍କୁ ପ୍ରତିହତ କରିବାକୁ ପଛାନ୍ତି ନାହିଁ । ଜନଜାତିଙ୍କ ହକ୍ ପାଇଁ ଲଢ଼େଇ କରି ଫାଶୀଖୁଣ୍ଟରେ ଝୁଲିବାକୁ ମଧ୍ୟ ସେ କୁଣ୍ଠା ପ୍ରକାଶ କରନ୍ତି ନାହିଁ । ନାଟ୍ୟକାର ଏହି ନାଟକ ମାଧ୍ୟମରେ ସରକାରୀ ସ୍ତରରେ ଆଦିବାସୀମାନଙ୍କ ପ୍ରକୃତ ସମସ୍ୟାକୁ ଉପଲବ୍ଧି କରି ତାହାର ସମାଧାନ ନିମନ୍ତେ ପ୍ରଚେଷ୍ଟା କରିବାର ଆବଶ୍ୟକତା ରହିଛି ବୋଲି ଦର୍ଶାଇଛନ୍ତି ଏବଂ ଏହାର ସମାଧାନ ନ କଲେ ନକ୍ସଲ ଆନ୍ଦୋଳନକୁ କଦାପି ରୋକାଯାଇ ପାରିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି ।

ନାଟ୍ୟକାରଙ୍କ 'ଶେଷକଥା' ନାଟକ ଯାତ୍ରା ଜଗତର ଦୂରାବସ୍ଥାକୁ ନେଇ ପ୍ରସ୍ତୁତ କରାଯାଇଛି । ଏକଦା ଯାତ୍ରା ଜଗତର ଶ୍ରେଷ୍ଠ କଳାକାର ଭାବେ ପ୍ରସିଦ୍ଧି ଲାଭ କରିଥିବା 'ସନ୍ତୋଷ ଚୌଧୁରୀ'ଙ୍କ ଜୀବନଯାତ୍ରା କିପରି ଅଶ୍ରୁଳ ଓ ବେଦନାଜର୍ଜରିତ, ତାହା ଏଥିରେ ସୂଚିତ ହୋଇଛି । ଯାତ୍ରାରେ ମୁଖ୍ୟ ନାୟକ ଭୂମିକାରେ ଅଭିନୟ କରୁଥିବା ସନ୍ତୋଷ ଚୌଧୁରୀ, ଦୀର୍ଘ ବର୍ଷ ପରେ ମୁଖ୍ୟ ଭୂମିକାରୁ ବିଦାୟ ନେଇ ଗୌଣ ଭୂମିକାରେ ଅବତୀର୍ଣ୍ଣ ହେବାର ଦୁଃଖ କଳାକାର ମନକୁ କିପରି ଶକ୍ତ ଆଘାତ ଦେଇଥାଏ, ତାର ସଫଳ ରୂପାୟନ ଏହି ଚରିତ୍ର ଜରିଆରେ ଘଟିଛି । ପରିବାରର ସମସ୍ତଙ୍କୁ ଛାଡ଼ି, ମୁହଁରେ ରଙ୍ଗ ବୋଳି ଦର୍ଶକଙ୍କୁ ଆନନ୍ଦ ଦେଉଥିବା ଯାତ୍ରା ଜଗତର ଅଜସ୍ର କଳାକାର ଜୀବନସାରା କିପରି ସଂଘର୍ଷ କରନ୍ତି ଏବଂ ପରିଶେଷରେ ଜୀବନ କିପରି ଦୁର୍ବିସହ ହୋଇପଡ଼େ, ତା'ର ଜ୍ୱଳନ୍ତ ପ୍ରମାଣ ଏହି ନାଟକରେ ମିଳିଥାଏ ।

ସେହିପରି 'ନିଷିଦ୍ଧ ସଂଳାପ' ନାଟକରେ ଜଣେ ନାଟ୍ୟକଳାକାରଙ୍କ ଜୀବନ ସହିତ ବ୍ୟବସାୟିକ ରଙ୍ଗମଞ୍ଚର ଅନେକ ଅକୁହା କଥା ବ୍ୟକ୍ତ କରାଯାଇଛି । ନାଟକର ନାୟକ 'ସିଦ୍ଧାନ୍ତ ମହାପାତ୍ର' ଜଣେ ନାଟ୍ୟପ୍ରାଣ ମଣିଷ । ନାଟକ ପ୍ରତି ଥିବା ପ୍ରେମ ପାଇଁ ସେ ଇଞ୍ଜିନିୟରିଂ ପାଠପଢ଼ା ଛାଡ଼ି ନାଟକକୁ ଆଦରି ନେଇଛନ୍ତି । ନିଜର ଲେଖକୀୟ ପ୍ରସିଦ୍ଧି ଲାଭ ନିମନ୍ତେ ସେ ବିଭିନ୍ନ ଘାତପ୍ରତିଘାତ ମଧ୍ୟରେ ଜୀବନ ଅତିବାହିତ କରନ୍ତି । ନାଟକ ପାଇଁ ନିଜର

ସର୍ବସ୍ୱ ତ୍ୟାଗ କରି ଜଣେ ନାଟ୍ୟକାରର ଅଙ୍ଗୀକାରବଦ୍ଧତା କିପରି ପ୍ରଦର୍ଶିତ ହୁଏ, ତାହା ନାଟ୍ୟକାର ଏଥିରେ ଦର୍ଶାଇଛନ୍ତି । ଜଣେ ନାଟ୍ୟକାର ଜୀବନର ସମସ୍ତ ଝଡ଼ଝଞ୍ଜାକୁ ଅତିକ୍ରମ କରି ନାଟକ ରଚନା ଓ ମଞ୍ଚାୟନ ନିମନ୍ତେ କିପରି ସଂଘର୍ଷର ସମ୍ମୁଖୀନ ହୋଇଥାନ୍ତି, ତାର ଏକ ନିଚ୍ଛକ ଚିତ୍ର ଏହି ନାଟକରେ ରହିଛି ।

ନାଟ୍ୟକାର ଡ. ନାରାୟଣ ସାହୁଙ୍କ 'ଅନାଗତ' ଏକ ଭିନ୍ନ ସ୍ୱାଦର ନାଟକ । ସମାଜରେ ବଢ଼ିଚାଲିଥିବା କନ୍ୟା ଭ୍ରୁଣ ହତ୍ୟା ଭଳି ସାମାଜିକ ଦୁର୍ନୀତିକୁ ଆଧାର କରି ନାଟକଟି ରଚିତ । ନାଟକରେ ଜଗନ୍ନାଥ ଓ ମିତା, ପୁତ୍ର ସନ୍ତାନଟିଏ ହେବାର ଲକ୍ଷ୍ୟରେ ତିନୋଟି କନ୍ୟା ସନ୍ତାନ ଜନ୍ମ ଦେବା ପରେ, ଚତୁର୍ଥ ଗର୍ଭଟି ମଧ୍ୟ କନ୍ୟା ଭ୍ରୁଣ ବୋଲି ଜାଣିବା ପରେ ତାକୁ ଜନ୍ମ ପୂର୍ବରୁ ହତ୍ୟା କରାଯାଇଛି । ଏହି କାର୍ଯ୍ୟ ପାଇଁ ଜଗନ୍ନାଥ, ମିତା ଓ ସମ୍ପୃକ୍ତ ଡାକ୍ତର ଦାୟୀ ହୁଅନ୍ତି । ଦୀର୍ଘ କୋଡ଼ିଏ ବର୍ଷ ପରେ ଅକସ୍ମାତ୍ ହତ୍ୟା କରାଯାଇଥିବା ସେହି କନ୍ୟା ଭ୍ରୁଣକୁ 'ଅନାମିକା' ଚରିତ୍ର ନାମରେ ମଞ୍ଚକୁ ଅଣାଯାଏ । କେଉଁ କାରଣରୁ ଜନ୍ମ ନେବା ପୂର୍ବରୁ ତାକୁ ହତ୍ୟା କରାଯାଇଛି, ସେ ସମ୍ପର୍କରେ ସେ ପ୍ରଶ୍ନ ପଚାରିଛି ଏବଂ ଏଭଳି ଜଘନ୍ୟ କାର୍ଯ୍ୟରେ ଲିପ୍ତ ରହି ଅର୍ଥ ଆତ୍ମସାତ୍ କରୁଥିବା ଡାକ୍ତରମାନଙ୍କୁ କଠୋର ଦଣ୍ଡ ଦେବା ନିମନ୍ତେ ଚେତାବନୀ ଦେଇଛି । ନାଟ୍ୟକାର ଏହି ନାଟକ ମାଧ୍ୟମରେ ସମାଜରେ ଚାଲିଥିବା ଭ୍ରୁଣ ହତ୍ୟାକୁ ରୋକିବା ନିମନ୍ତେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ଅଛି ବୋଲି ସୂଚାଇଛନ୍ତି ।

ଗଣତନ୍ତ୍ରର ଅବକ୍ଷୟିଷ୍ଣୁ ଅବସ୍ଥା ନାଟ୍ୟକାରଙ୍କୁ ଗଭୀର ଯନ୍ତ୍ରଣା ଦେଇଛି । ବିଶେଷ ଭାବରେ ଭ୍ରଷ୍ଟାଚାରୀ ରାଜନୈତିକ ନେତା, ପୁଞ୍ଜିପତି, ଠିକାଦାର ତଥା ସମାଜର ପ୍ରଭାବଶାଳୀ ବ୍ୟକ୍ତିମାନେ କ୍ଷମତା ଉପଭୋଗ କରୁଥିବାବେଳେ ସାଧାରଣ ବର୍ଗର ମଣିଷ ସର୍ବଦା ସେମାନଙ୍କ ଅତ୍ୟାଚାରର ଶିକାର ହେଉଥିବା ଦୃଶ୍ୟ ତାଙ୍କୁ ବ୍ୟଥିତ କରିଛି । ତେଣୁ ସମାଜରେ ଦେଖାଦେଇଥିବା ଏହି ଶୋଷଣ, ଭ୍ରଷ୍ଟାଚାର ଓ ଦୁର୍ନୀତିକୁ ସେ ନିଜ ନାଟକ ମାଧ୍ୟମରେ ଦର୍ଶକଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି । ନାଟ୍ୟକାର ନାରାୟଣ ସାହୁ ଜଣେ ସମାଜ ସଚେତନ ବ୍ୟକ୍ତି । ସମାଜ ପ୍ରତି ଅଙ୍ଗୀକାରବଦ୍ଧତା ଓ ଶୋଷିତ ମଣିଷଙ୍କ ପ୍ରତି ତାଙ୍କର ସମ୍ବେଦନଶୀଳ ଦୃଷ୍ଟିଭଙ୍ଗୀ ହିଁ ତାଙ୍କ ନାଟକରେ ପ୍ରତିଫଳିତ ହୋଇଛି । ଏହି କାରଣରୁ ତାଙ୍କ ଅଧିକାଂଶ ନାଟକର ସ୍ୱର ବିଦ୍ରୋହର ସ୍ୱର ହୋଇଛି । ସର୍ବୋପରି, ଦୁର୍ନୀତି, ଶୋଷଣ ଓ ଅନ୍ୟାୟମୁକ୍ତ ଏକ ଆଦର୍ଶ ଓ ସୁସ୍ଥ ସମାଜ ଗଠନର ଆହ୍ୱାନ ହିଁ ତାଙ୍କ ନାଟକର ମୂଳମନ୍ତ୍ର । ତେଣୁ ତାଙ୍କ ନାଟକମାନଙ୍କରେ ସମାଜ ପରିବର୍ତ୍ତନର ସ୍ୱର ଅତ୍ୟନ୍ତ ତୀବ୍ର ।

ଉପସଂହାର:

ନାଟ୍ୟକାର ଡ. ନାରାୟଣ ସାହୁଙ୍କ ସୃଷ୍ଟି କେବଳ ମନୋରଞ୍ଜନର ଏକ ମାଧ୍ୟମ ନୁହେଁ, ବରଂ ଏହା ସାମାଜିକ ପରିବର୍ତ୍ତନର ଏକ ଶକ୍ତିଶାଳୀ ଦସ୍ତାବିଜ । ନିଜର ଦୀର୍ଘ ନାଟ୍ୟ ଯାତ୍ରାରେ ସେ ରାଜନୈତିକ ଅରାଜକତା, ଧାର୍ମିକ ବ୍ୟଭିଚାର, ଶିକ୍ଷା ବ୍ୟବସ୍ଥାରେ ଦୁର୍ନୀତି, ନାରୀ ନିର୍ଯ୍ୟାତନା ଓ ସାମ୍ପ୍ରଦାୟିକ ସଂଘର୍ଷ ଭଳି ଗମ୍ଭୀର ସମସ୍ୟାକୁ ଅତି ନିର୍ଭୀକ ଭାବେ ଉନ୍ମୋଚନ କରିଛନ୍ତି । 'ଆଶ୍ରା ଖୋଜି ବୁଲୁଥିବା ଈଶ୍ୱର', 'କାହାଣୀ ସବାଶେଷ ଲୋକର', 'ସୁବର୍ଣ୍ଣ ସକାଳ' କିମ୍ବା 'ମୂଷା' ତାଙ୍କର ପ୍ରତ୍ୟେକଟି କୃତି ସମାଜର ନିଷ୍ପେଷିତ ଓ ଅବହେଳିତ ବର୍ଗର ବ୍ୟଥାକୁ ବାଣୀ ପ୍ରଦାନ କରିବା ସହିତ ଶାସକବର୍ଗର ମୁଖା ଖୋଲିବାରେ ସଫଳ ହୋଇଛି । ଡ. ସାହୁ କେବଳ ସମସ୍ୟାର ଚିତ୍ରଣ କରି ନାହାନ୍ତି, ବରଂ ଶୋଷିତ ଜନସାଧାରଣଙ୍କୁ ନିଜ ଅଧିକାର ସମ୍ପର୍କରେ ସଚେତନ କରାଇବା ଏବଂ ଅନ୍ୟାୟ ବିରୁଦ୍ଧରେ ବିଦ୍ରୋହର ମନ୍ତ୍ର ଦେବାରେ ସଫଳ ହୋଇଛନ୍ତି । ଅନ୍ୟାୟ ବିରୁଦ୍ଧରେ ନିର୍ଭୀକ ସ୍ୱର ଉତ୍ତୋଳନ କରିବା ହିଁ ତାଙ୍କ ନାଟକର ମୂଳମନ୍ତ୍ର । ତାଙ୍କ ନାଟ୍ୟକୃତିଗୁଡ଼ିକରେ ପ୍ରକାଶିତ ତୀବ୍ର ସାମାଜିକ ଚେତନା, ବିଦ୍ରୋହୀ ମାନସିକତା ଓ ମାନବବାଦୀ ଦୃଷ୍ଟିଭଙ୍ଗୀ ଓଡ଼ିଆ ନାଟ୍ୟ ସାହିତ୍ୟକୁ ଏକ ନୂତନ ଉଚ୍ଚତା ପ୍ରଦାନ କରିଛି। ସର୍ବୋପରି, ଏକ ସୁସ୍ଥ, ଶୋଷଣମୁକ୍ତ ଓ ଆଦର୍ଶ ସମାଜ ଗଠନ ପାଇଁ ତାଙ୍କର ଏହି ନାଟ୍ୟ ସୃଷ୍ଟି ଚିରକାଳ ଓଡ଼ିଆ ସାହିତ୍ୟ ଜଗତରେ ଏକ ଶକ୍ତିଶାଳୀ ଦିଗ୍ଦର୍ଶକ ହୋଇ ରହିବ । ଡ. ସାହୁଙ୍କ ଏହି ସାରସ୍ୱତ ପ୍ରତିଭା, ନିରନ୍ତର ସଂଗ୍ରାମୀ ମନୋଭାବ ଓ ସମାଜ ପ୍ରତି ଅଙ୍ଗୀକାରବଦ୍ଧତା ତାଙ୍କୁ ଆଜିର ଓଡ଼ିଆ ନାଟ୍ୟ ସାହିତ୍ୟର ଜଣେ ଅନନ୍ୟ ଦ୍ରଷ୍ଟା ଓ ସ୍ରଷ୍ଟା ଭାବେ ସ୍ଥାପିତ କରିଛି ।

## ସହାୟକ ଗ୍ରନ୍ଥସୂଚୀ:


[1] ଦାସ, ହେମନ୍ତ କୁମାର, ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ (୧୯୮୦-୨୦୦୬), ବିଦ୍ୟାପୁରୀ, କଟକ, ୨୦୦୮

[2] ଦାସ, ହେମନ୍ତ କୁମାର, ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ (୨ୟ ଭାଗ) ଏସ୍‌ବି ପବ୍ଲିକେଶନ୍‌ସ, କଟକ, ୨୦୦୬

[3] ସାହୁ, ନାରାୟଣ, ଅପରାହ୍ଣର ଅବଶୋଷ, ବିଦ୍ୟାପୁରୀ, କଟକ, ପ୍ର.ସଂ.୨୦୦୨, ୟ.ସଂ.୨୦୦୭

[4] ସାହୁ, ନାରାୟଣ, ପୁନଶ୍ଚ ସଂଗ୍ରାମ ଓ ଅନ୍ୟାନ୍ୟ ନାଟକ, ସାହିତ୍ୟ ସଂଗ୍ରହ ପ୍ରକାଶନ, କଟକ, ୨୦୦୦

[5] ସାହୁ, ନାରାୟଣ, ଅନାଗତ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ– ୨୦୧୯

[6] ସାହୁ, ନାରାୟଣ, ଆଶ୍ରା ଖୋଜି ବୁଲୁଥିବା ଈଶ୍ୱର, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ, ୨୦୧୬

[7] ସାହୁ, ନାରାୟଣ, ଉପାସନା, ପାଦଟୀକା, କଟକ, ୨୦୦୨

[8] ସାହୁ, ନାରାୟଣ, ଓ ସବା ଶେଷ ଲୋକ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ, ୨୦୧୩

[9] ସାହୁ, ନାରାୟଣ, କାହାଣୀ ସବାଶେଷ ଲୋକର, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ୧୯୯୨

[10] ସାହୁ, ନାରାୟଣ, କ୍ରାନ୍ତି, ଜ୍ଞାନଯୁଗ ପବ୍ଲିକେଶନ, ଭୁବନେଶ୍ୱର, ୨୦୦୭

[11] ସାହୁ, ନାରାୟଣ, ଛାତ, ଜ୍ଞାନଯୁଗ ପବ୍ଲିକେଶନ୍, ଭୁବନେଶ୍ୱର, ୨୦୨୦

[12] ସାହୁ, ନାରାୟଣ, ଦୂର ଆକାଶର ତାରା, ସାହିତ୍ୟ ଶ୍ୱେତପଦ୍ମା, ପାରଳାଖେମୁଣ୍ଡି, ୨୦୦୮

[13] ସାହୁ, ନାରାୟଣ, ନାଟ୍ୟପଞ୍ଚକ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ୨୦୨୧

[14] ସାହୁ, ନାରାୟଣ, ନିଆରା ନାଟକ, ପବ୍ଲିଶିଂ ହାଉସ୍, ଭୁବନେଶ୍ୱର, ୨୦୧୨

[15] ସାହୁ, ନାରାୟଣ, ପ୍ରାୟଶ୍ଚିତ୍ତ ଓ ଅନ୍ୟାନ୍ୟ ନାଟକ, (ପ୍ରାୟଶ୍ଚିତ, ଅଦେଖା ସ୍ୱପ୍ନ, ସୁବର୍ଣ୍ଣ ସକାଳ, ଆଶ୍ରା ଖୋଜି ବୁଲୁଥିବା ଈଶ୍ୱର) ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତର ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ୨୦୦୫

[16] ସାହୁ, ନାରାୟଣ, ମୂକ, କୁନ୍‌ମା ପବ୍ଲିକେଶନ, ୨୦୦୦

[17] ସାହୁ, ନାରାୟଣ, ମୂଷା, ତୃପ୍ତି, ଭୁବନେଶ୍ୱର, ୨୦୧୫

[18] ସାହୁ, ନାରାୟଣ, ଶେଷକଥା, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ,୨୦୧୦

[19] ସାହୁ, ନାରାୟଣ, ସୁବର୍ଣ୍ଣ ସକାଳ, ଅକ୍ଷର ପ୍ରକାଶନ, ୧୯୯୮